# NATIONAL NEWS BULLETIN (ODIA)

## 22 November - 2024

## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ହାଇଦ୍ରାବାଦରେ ଆଜି ସକାଳେ ଚତୁର୍ଥ ଲୋକମନ୍ଥନ ମହୋତ୍ସବକୁ ଉଦ୍‌ଘାଟନ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ଭାରତୀୟ ଯୁବକମାନେ ଦେଶକୁ ବିଶ୍ୱର ତୃତୀୟ ବୃହତମ ଷ୍ଟାର୍ଟଅପ୍ ଇକୋ ସିଷ୍ଟମରେ ପରିଣତ କରିଛନ୍ତି, କହିଲେ ପ୍ରଧାନମନ୍ତ୍ରୀ ।
- ରାଷ୍ଟ୍ରୀୟ ପ୍ରସାରଣକାରୀ ପ୍ରସାରଭାରତୀ ଆରମ୍ଭ କଲା ଓ.ଟି.ଟି. ପ୍ଲାଟଫର୍ମ ୱେଭସ୍ ।
- ପାକିସ୍ତାନରେ ଯାତ୍ରୀବାହି ଗାଡ଼ି ଉପରକୁ ଗୁଳିମାଡ଼ ଘଟଣାରେ ମୃତ୍ୟୁ ସଂଖ୍ୟା ୪୫କୁ ବୃଦ୍ଧି ।

ଏବଂ

- ବର୍ଡ଼ର ଗାଭାସ୍କର ଟ୍ରଫିର ପ୍ରଥମ କ୍ରିକେଟ୍ ଟେଷ୍ଟ ମ୍ୟାଚ୍‌ରେ ଆଉ କିଛି ସମୟ ପରେ ମୁହାଁମୁହିଁ ହେବେ ଭାରତ ଓ ଅଷ୍ଟ୍ରେଲିଆ ।

# ରାଷ୍ଟ୍ରପତି-ହାଇଦ୍ରାବାଦ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ସକାଳେ ହାଇଦ୍ରାବାଦର ସିଲ୍ପାରାମମ୍ ଠାରେ ଚତୁର୍ଥ ଲୋକମନ୍ଥନ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ । ପ୍ରଥମଥର ପାଇଁ ଦେଶର ଦକ୍ଷିଣାଞ୍ଚଳ ରାଜ୍ୟ ଗୁଡ଼ିକରେ ଏହି ଆନ୍ତର୍ଜାତିକ ସାଂସ୍କୃତିକ ମହୋତ୍ସବ ଆୟୋଜନ କରାଯାଉଛି । ପ୍ରଜ୍ଞାବାହିନୀ ପକ୍ଷରୁ ଆୟୋଜିତ ଏହି ଲୋକମନ୍ଥନ ମହୋତ୍ସବରେ ୧୨ଟି ଦେଶର କଳାକାର, ସାଂସ୍କୃତିକ ପ୍ରତିନିଧି ଓ ବୁଦ୍ଧିଜୀବୀମାନେ ଯୋଗଦେବେ । ବିଭିନ୍ନ ଦେଶର ସଂସ୍କୃତି, ପରମ୍ପରା, ଐତିହ୍ୟ ଓ ଦକ୍ଷତା ଉପରେ ପର୍ଯ୍ୟବେଶିତ ୧୦୦ଟିରୁ ଅଧିକ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରଦର୍ଶନୀ ଆୟୋଜିତ ହେବ ବୋଲି ଜଣାପଡ଼ିଛି ।

ଗତକାଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ହାଇଦ୍ରାବାଦରେ କୋଟି ଦୀପୋତ୍ସବମ୍ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ନାଗରୀକମାନଙ୍କୁ ସାମଗ୍ରୀକ ବିକାଶ ଓ ସାଂସ୍କୃତିକ ସଂରକ୍ଷଣ ଦିଗରେ କାର୍ଯ୍ୟ କରିବାକୁ ରାଷ୍ଟ୍ରପତି ଆହ୍ୱାନ ଦେଇଥିଲେ ।

# ପିଏମ୍-ଗୁଆନା ଡାଏସପୋରା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଗତ ଏକ ଦଶନ୍ଧି ମଧ୍ୟରେ ଭାରତର ବିକାଶ ଯାତ୍ରା ବ୍ୟାପକ, ଦ୍ରୁତ ଏବଂ ନିରନ୍ତର ଥିଲା । ଗୁଏନାର ଜର୍ଜ ଟାଉନ୍ ସ୍ଥିତ ଜାତୀୟ ସାଂସ୍କୃତିକ କେନ୍ଦ୍ରରେ ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଛନ୍ତି, ଭାରତ ଖୁବ୍ ଶୀଘ୍ର ବିଶ୍ୱର ତୃତୀୟ ବୃହତମ ଅର୍ଥନୀତିରେ ପରିଣତ ହେବ । ସେ କହିଛନ୍ତି, ୨୦୧୪ରେ ଭାରତ ଦଶମ ବୃହତମ ଅର୍ଥନୀତି ଥିଲା ଏବଂ ମାତ୍ର ୧୦ ବର୍ଷ ମଧ୍ୟରେ ଏହା ପଞ୍ଚମ ବୃହତମ ଅର୍ଥନୀତିରେ ପରିଣତ ହୋଇଛି । ସେ କହିଛନ୍ତି, ଭାରତୀୟ ଯୁବକମାନେ ଦେଶକୁ ବିଶ୍ୱର ତୃତୀୟ ବୃହତମ ଷ୍ଟାର୍ଟଅପ୍ ଇକୋ ସିଷ୍ଟମରେ ପରିଣତ କରିଛନ୍ତି । ସେ କହିଛନ୍ତି, ଭାରତର ଅଭିବୃଦ୍ଧି କେବଳ ପ୍ରେରଣାଦାୟୀ ନୁହେଁ ବରଂ ସାମଗ୍ରୀକ ଭାବେ ବିକାଶ ଲକ୍ଷ୍ୟ ହାସଲ ଦିଗରେ ଏକ ମାଇଲ୍ ଖୁଣ୍ଟ ସାବ୍ୟସ୍ତ ହୋଇଛି ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଭାରତର ଡିଜିଟାଲ୍ ବିକାଶ ଗରିବମାନଙ୍କୁ ସଶକ୍ତ କରିଛି ବୋଲି କହିଛନ୍ତି । ସେ କହିଛନ୍ତି, ପ୍ରାୟ ୫୦୦ ନିୟୁତରୁ ଅଧିକ ବ୍ୟାଙ୍କ୍ ଆକାଉଣ୍ଟ ଖୋଲାଯାଇ ଡିଜିଟାଲ୍ ପରିଚୟ ଏବଂ ମୋବାଇଲ୍ ସହ ସଂଯୋଗ କରାଯାଇଛି । ଫଳରେ ଲୋକମାନେ ସେମାନଙ୍କ ବ୍ୟାଙ୍କ୍ ଆକାଉଣ୍ଟରେ ସିଧାସଳଖ ଲାଭ ପାଇପାରୁଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ଓ ଗୁଆନା ମଧ୍ୟରେ ଅନେକ ସମାନତା ରହିଛି ଏବଂ ଏହା ଉଭୟ ଦେଶ ମଧ୍ୟରେ ଏକ ମଜବୁତ ସମ୍ପର୍କ ସୃଷ୍ଟି କରିପାରିଛି । ପ୍ରବାସୀ ଭାରତୀୟମାନେ ଦେଶର ସଂସ୍କୃତି ଓ ପରମ୍ପରାକୁ ସଂରକ୍ଷିତ ରଖିଥିବାରୁ ଶ୍ରୀ ମୋଦୀ ସେମାନଙ୍କୁ ପ୍ରଶଂସା କରିଛନ୍ତି । ପ୍ରବାସୀ ଭାରତୀୟମାନଙ୍କ ତାଙ୍କ ପ୍ରତି ଥିବା ଭଲପାଇବାରେ ସେ ଅଭିଭୂତ ବୋଲି କହିଛନ୍ତି ।

ଅନ୍ୟ ପକ୍ଷରେ ଗୁଆନାର ରାଷ୍ଟ୍ରପତି ଇରଫାନ୍ ଅଲୀ କହିଛନ୍ତି, ଶ୍ରୀ ମୋଦୀ ଭାରତ ପାଇଁ ଯେଉଁ ଗୌରବ ଆଣିଛନ୍ତି ତାହା ଅତୁଳନୀୟ । ବର୍ତ୍ତମାନ ସମୟରେ ଅନେକ ବିକାଶଶୀଳ ଏବଂ ବିକଶିତ ଦେଶ ଭାରତକୁ ଉଦାହରଣ ଭାବେ ଗ୍ରହଣ କରିବା ସହ ଭାରତର ଜ୍ଞାନକୌଶଳ, ଗବେଷଣା ଏବଂ ବିକାଶର ଶକ୍ତିକୁ ପ୍ରଶଂସା କରୁଛନ୍ତି । ଶ୍ରୀ ଅଲୀ କହିଛନ୍ତି, ଭାରତ  ବିକାଶ ଏବଂ ପରିବର୍ତ୍ତନର ସଫଳ ଉଦାହରଣ ପାଲଟିଛି ।

ଶ୍ରୀ ମୋଦୀ ଏହି ଅବସରରେ ଜର୍ଜ ଟାଉନ୍‌ରେ ଶ୍ରୀ ଅଲୀଙ୍କ ସହ ୱେଷ୍ଟଇଣ୍ଡିଜ୍‌ର ପ୍ରମୁଖ କ୍ରିକେଟ୍ ଖେଳାଳିମାନଙ୍କୁ ଭେଟିଛନ୍ତି । କ୍ରିକେଟ୍ ଉଭୟ ଦେଶକୁ ଏକ ସୂତ୍ରରେ ବାନ୍ଧି ରଖିଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ପ୍ରଧାନମନ୍ତ୍ରୀ ନାଇଜେରିଆ, ବ୍ରାଜିଲ୍ ଏବଂ ଗୁଆନା ଗସ୍ତ ଶେଷ କରି ନୂଆଦିଲ୍ଲୀ ଅଭିମୁଖେ ଯାତ୍ରା ଆରମ୍ଭ କରିଚନ୍ତି ।

# ପ୍ରସାର ଭାରତୀ–ଓଟିଟି

ପ୍ରସାର ଭାରତୀ ଅଧ୍ୟକ୍ଷ ନବନୀତ କୁମାର ସେହେଗଲ କହିଛନ୍ତି, ସମାଜର ସବୁ ବର୍ଗଙ୍କ ପାଖରେ ସ୍ୱଚ୍ଛ ପାରିବାରିକ ମନୋରଞ୍ଜନ ପହଞ୍ଚାଇବା ଆମର କର୍ତ୍ତବ୍ୟ । ଗତକାଲି ରାଷ୍ଟ୍ରୀୟ ପ୍ରସାରଣକାରୀ ପ୍ରସାର ଭାରତୀର ଓ.ଟି.ଟି. ପ୍ଲାଟ୍‌ଫର୍ମ ୱେଭସ୍‌ର ଶୁଭାରମ୍ଭ ପରେ ସେ କହିଛନ୍ତି, ଏହି ପ୍ଲାଟ୍‌ଫର୍ମରେ ଦୂରଦର୍ଶନ କାର୍ଯ୍ୟକ୍ରମର ସମସ୍ତ ପୁରୁଣା କାର୍ଯ୍ୟକ୍ରମ ଗଚ୍ଛିତ ରହିବ । ଦେଶର ଇତିହାସ ଏବଂ ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ କେନ୍ଦ୍ର କରି ଆଞ୍ଚଳିକ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମଧ୍ୟ ଓ.ଟି.ଟି. ପ୍ଲାଟ୍‌ଫର୍ମରେ ସାମିଲ କରାଯାଇଛି ବୋଲି ଶ୍ରୀ ସେହେଗଲ କହିଛନ୍ତି ।

ପ୍ରସାରଭାରତୀ ମୁଖ୍ୟ ପରିଚାଳନା ଅଧିକାରୀ ଗୌରବ ଦ୍ୱିବେଦୀ କହିଛନ୍ତି, ସର୍ବାଧିକ ଦର୍ଶକଙ୍କ ପାଖରେ ପହଞ୍ଚିବା ଉଦ୍ଦେଶ୍ୟ ରଖି ଓ.ଟି.ଟି. ପ୍ଲାଟଫର୍ମ ଆରମ୍ଭ କରାଯାଇଛି । ରାଷ୍ଟ୍ରୀୟ ପ୍ରସାରଣକାରୀ ହିସାବରେ ପ୍ରସାର ଭାରତୀର ଓ.ଟି.ଟି. ପ୍ଲାଟ୍‌ଫର୍ମରେ ପ୍ରଥମେ ୧୨ଟି ଭାଷାରେ ବିଷୟ ବସ୍ତୁ ପ୍ରସାରଣ କରାଯିବ ଏବଂ ସମସ୍ତ ଉପଭାଷାରେ ପରବର୍ତ୍ତୀ ସମୟରେ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ହେବ । ଏହି ପ୍ଲାଟ୍‌ଫର୍ମ ଜରିଆରେ ଦର୍ଶକମାନେ ନିଜ ମୂଳ ସଂସ୍କୃତି ସହ ଯୋଡ଼ି ହୋଇପାରିବେ । ସେ କହିଛନ୍ତି, ପ୍ରସାରଭାରତୀ ଓ.ଟି.ଟି. ପ୍ଲାଟ୍‌ଫର୍ମରେ ୧୦ ହଜାରରୁ ଅଧିକ ଚଳଚ୍ଚିତ୍ର ଏବଂ ୪୦ ହଜାରରୁ ୫୦ ହଜାର ଘଣ୍ଟାର ବିଭିନ୍ନ କାର୍ଯ୍ୟକ୍ରମ ମିଳିପାରିବ ।

## ଶେଖାୱତ ଯୁବ ପୁରସ୍କାର

କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଆଜି ୨୦୨୨ ଓ ୨୦୨୩ ବର୍ଷପାଇଁ ଓସ୍ତାଦ ବିସ୍‌ମିଲ୍ଲା ଖାଁ ଯୁବ ପୁରସ୍କାର ପ୍ରଦାନ କରିବେ । ନୂଆଦିଲ୍ଲୀରେ ଆୟୋଜିତ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ଶ୍ରୀ ଶେଖାୱତ୍ ଏହି ପୁରସ୍କାର ପ୍ରଦାନ କରିବେ । ଏଥିପାଇଁ ୮୨ ଜଣ ଯୁବ କଳାକାରଙ୍କୁ ମନୋନୀତ କରାଯାଇଛି । ସଙ୍ଗୀତ, ନୃତ୍ୟ, ନାଟକ, ଲୋକକଳା, ଆଦିବାସୀ କଳା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କଳାକ୍ଷେତ୍ରରେ ଯୁବ କଳାକାରଙ୍କୁ ଉତ୍ସାହିତ କରିବା ଏହି ପୁରସ୍କାର ପ୍ରଦାନର ଉଦ୍ଦେଶ୍ୟ । ପୁରସ୍କାର ବାବଦରେ ନଗଦ ୨୫ ହଜାର ଟଙ୍କା, ଏକ ଫଳକ ଏବଂ ଅଙ୍ଗବସ୍ତ୍ର ପ୍ରଦାନ କରାଯିବ । ସଙ୍ଗୀତ-ନାଟକ ଏକାଡେମୀ ପକ୍ଷରୁ ୨୦୦୬ ମସିହାଠାରୁ ୪୦ ବର୍ଷ ବୟସ ପର୍ଯ୍ୟନ୍ତ ଯୁବ କଳାକାରଙ୍କ ପାଇଁ ଯୁବ ପୁରସ୍କାର ପ୍ରଦାନର ବ୍ୟବସ୍ଥା ଆରମ୍ଭ କରାଯାଇଥିଲା ।

## ହ୍ୱାଟସ୍‌ଆପ୍ ବ୍ଲକ୍

ଭାରତୀୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର, ଦୂରସଂଚାର ବିଭାଗ ସହଯୋଗରେ ଦକ୍ଷିଣ ପୂର୍ବ ଏସିଆରେ ସକ୍ରିୟ ଥିବା ସାଇବର ଅପରାଧୀଙ୍କ ୧୭ ହଜାର ହ୍ୱାଟସ୍‌ଆପ୍ ଆକାଉଣ୍ଟକୁ ସଫଳତାର ସହ ବନ୍ଦ କରିଛି ।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅନୁଯାୟୀ ଭାରତରେ ଡିଜିଟାଲ୍ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ବିଦେଶୀ ଅପରାଧୀକ ନେଟ୍‌ୱାର୍କକୁ ବ୍ୟାହତ କରିବା ନିମନ୍ତେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ।

## ଖାଇବର-ପଖ୍‌ତୁଙ୍ଖ୍‌ୱା ମୃତ୍ୟୁ

ପାକିସ୍ତାନର ଖାଇବର ପଖ୍‌ତୁଙ୍ଖ୍‌ୱା ପ୍ରଦେଶର ଉତ୍ତର-ପଶ୍ଚିମାଞ୍ଚଳରେ ଯାତ୍ରୀବାହୀ ଗାଡ଼ି ଉପରକୁ ଗୁଳିଚାଳନାରେ ମୃତ୍ୟୁ ସଂଖ୍ୟା ୪୫କୁ ବୃଦ୍ଧି ପାଇଛି । ଏଥିରେ ୨୦ ଜଣ ଗୁରୁତର ଆହତ ହୋଇଛନ୍ତି । ଆଫ୍‌ଗାନିସ୍ତାନ-ପାକିସ୍ତାନ ଆଭ୍ୟନ୍ତରୀଣ ମନ୍ତ୍ରୀ ମୋସିନ ନକ୍‌ବୀ କହିଛନ୍ତି, ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ରହିଛି । ମୃତକଙ୍କ ମଧ୍ୟରେ ସୁରକ୍ଷା କର୍ମୀ, ମହିଳା ଏବଂ ଛୋଟ ପିଲା ରହିଥିବା ଜଣାପଡ଼ିଛି । ଏହି ଘଟଣାରେ ଏ ପର୍ଯ୍ୟନ୍ତ କୌଣସି ଗୋଷ୍ଠୀ ନିଜକୁ ଦାୟୀ କରିନଥିବା ବେଳେ ପୋଲିସ୍ ପକ୍ଷରୁ ଅଭିଯୁକ୍ତଙ୍କ ଧରିବା ଲାଗି ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି ।

# ଇପିଏଫ୍‌ଓ-ମେମ୍ବର୍ସ

କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନରେ ଗତ ସେପ୍ଟେମ୍ବର ମାସରେ ୧୮ ଲକ୍ଷ ୮୧ ହଜାର ସଦସ୍ୟ ଯୋଗ ସାମିଲ ହୋଇଛନ୍ତି । ଗତ ବର୍ଷ ସେପ୍ଟେମ୍ବର ମାସ ତୁଳନାରେ ଏହା ୯ ଦଶମିକ୍ ୩/୩ ପ୍ରତିଶତ ବୃଦ୍ଧି ପାଇଥିବା କୁହାଯାଇଛି । ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ସଦସ୍ୟ ସଂଖ୍ୟା ବୃଦ୍ଧି ନିମନ୍ତେ ନିଯୁକ୍ତି ସୁଯୋଗ, କର୍ମଚାରୀଙ୍କ ସୁବିଧା ଏବଂ ଇ.ପି.ଏଫ୍.ଓ.ର କାର୍ଯ୍ୟ ଶୈଳୀ ସହାୟକ ହୋଇଛି । ପ୍ରୋଭିଜିନାଲ୍ ପେ ରୋଲ୍ ଅନୁଯାୟୀ ଚଳିତ ଆର୍ଥିକ ବର୍ଷର ସେପ୍ଟେମ୍ବର ମାସରେ ୯ ଲକ୍ଷ ୪୭ ହଜାର ନୂଆ ସଦସ୍ୟ ପଞ୍ଜିକୃତ ହୋଇଛନ୍ତି । ମୋଟ୍ ସଦସ୍ୟଙ୍କ ମଧ୍ୟରୁ ଇ.ପି.ଏଫ୍.ଓ.ରେ ୧୮ରୁ ୨୫ ବର୍ଷ ବୟସ ମଧ୍ୟରେ ସର୍ବାଧିକ ସଦସ୍ୟ ରହିଛନ୍ତି । ସେହିପରି ସେପ୍ଟେମ୍ବର ମାସରେ ୨ ଲକ୍ଷ ୪୭ ହଜାର ମହିଳା ସଦସ୍ୟ ଇ.ପି.ଏଫ୍.ଓ.ରେ ସାମିଲ ହୋଇଥିବା ଜଣାପଡ଼ିଛି ।

# ପିଏମ୍-ବିଶ୍ୱ ସମବାୟ ସମ୍ମିଳନୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ସୋମବାର ଦିନ ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ଠାରେ ଆଇ.ସି.ଏ. ବିଶ୍ୱ ସମବାୟ ସମ୍ମିଳନୀକୁ ଉଦ୍‌ଘାଟନ କରିବେ । ଗଣମାଧ୍ୟମକୁ ଏ ସମ୍ପର୍କରେ ସୂଚନା ଦେଇ

ସମବାୟ ମନ୍ତ୍ରଣାଳୟ ସଚିବ ଡକ୍ଟର ଆଶିଷ କୁମାର ଭୁଟାନୀ କହିଛନ୍ତି, ଭାରତରେ ପ୍ରଥମ ଥରପାଇଁ ଏହି ସମ୍ମିଳନୀ ଆୟୋଜିତ ହେଉଛି । ୬ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀର ବିଷୟବସ୍ତୁ ହେଉଛି "ସମସ୍ତଙ୍କ ସମୃଦ୍ଧିରେ ସମବାୟ" । ଅନ୍ତର୍ଜାତୀୟ ସମବାୟ ବର୍ଷ ୨୦୨୫ ପାଳନ ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଏକ ସ୍ମାରକୀ ଡାକଟିକଟ ଉନ୍ମୋଚନ କରିବେ । ଏହି ସମ୍ମିଳନୀରେ ଭୂଟାନ ପ୍ରଧାନମନ୍ତ୍ରୀ ଦାସୋ ସେରିଙ୍ଗ୍ ତୋବଗେ ଏବଂ ଫିଜିର ଉପପ୍ରଧାନମନ୍ତ୍ରୀ ମନୋଆ କାମିକାମିକା ଯୋଗଦେବେ ବୋଲି ଡକ୍ଟର ଭୂଟାନୀ ସୂଚନା ଦେଇଛନ୍ତି ।

## ଇପିଏଫ୍ଓ-ୟୁଏଏନ୍

ଆଧାର ଭିତ୍ତିକ ଓଟିପି ଜରିଆରେ କର୍ମଚାରୀଙ୍କ ପାଇଁ ୟୁନିର୍ଭସିଆଲ୍ ଆକାଉଣ୍ଟ ନମ୍ବର ସକ୍ରିୟ କରିବାକୁ କେନ୍ଦ୍ର ସରକାର କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ ଇ.ପି.ଏଫ୍.ଓ.କୁ ନିର୍ଦ୍ଦେଶ ଦେଇଛନ୍ତି । କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ଏଥିଲାଗି ନିଯୁକ୍ତିଦାତାଙ୍କ ସହ ମିଶି କାର୍ଯ୍ୟ କରିବା ଲାଗି ନିର୍ଦ୍ଦେଶ ଦେଇଛି । ୨୦୨୪-୨୫ କେନ୍ଦ୍ରୀୟ ବଜେଟ୍‌ରେ ଘୋଷଣା କରାଯାଇଥିବା ନିଯୁକ୍ତ ସଂଯୁକ୍ତ ପ୍ରୋତ୍ସାହନ ଯୋଜନାରେ ଯେଭଳି ଅଧିକରୁ ଅଧିକ ନିଯୁକ୍ତି ଦାତା ଓ କର୍ମଚାରୀ ଉପକୃତ ହୋଇପାରିବେ, ତାହା ସୁନିଶ୍ଚିତ କରିବା ଲାଗି ପଦକ୍ଷେପ ନେବାକୁ କୁହାଯାଇଛି । ମନ୍ତ୍ରଣାଳୟ

ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ନିଯୁକ୍ତିଦାତାମାନେ ପ୍ରଥମ ପର୍ଯ୍ୟାୟରେ ଚଳିତ ଆର୍ଥିକ ବର୍ଷରେ ଯୋଗଦେଉଥିବା ସମସ୍ତ କର୍ମଚାରୀଙ୍କ କ୍ଷେତ୍ରରେ ଆଧାର ଆଧାରିତ ଓ.ଟି.ପି. ଜରିଆରେ ୟୁ.ଏ.ଏନ୍. ସକ୍ରିୟ କରିବେ । ଏଥିପାଇଁ ଚଳିତ ମାସ ୩୦ ତାରିଖ ଧାର୍ଯ୍ୟ କରାଯାଇଛି ।

ସୂଚନା ଯୋଗ୍ୟ ୟୁ.ଏ.ଏନ୍. ଜରିଆରେ କର୍ମଚାରୀମାନେ ନିଜ ଇ.ପି.ଏଫ୍.ଓ. ଆକାଉଣ୍ଟର ସମସ୍ତ ତଥ୍ୟ ସହଜରେ ଜାଣିବା ଲାଗି ବ୍ୟବସ୍ଥା କରାଯାଇଛି ।

# କ୍ରିକେଟ୍

କ୍ରିକେଟ୍‌ରେ ଆଜିଠାରୁ ଭାରତ ଅଷ୍ଟ୍ରେଲିଆ ମଧ୍ୟରେ ବର୍ଡ଼ର ଗାଭାସ୍କର ଟ୍ରଫିର ପ୍ରଥମ ଟେଷ୍ଟ ମ୍ୟାଚ୍ ପର୍ଥର ଅପ୍‌ଟସ୍ ଷ୍ଟାଡିୟମ୍‌ରେ ଖେଳାଯିବ । ଭାରତୀୟ ସମୟ ସକାଳ ୭ଟା ୫୦ ମିନିଟ୍‌ରେ ମ୍ୟାଚ୍ ଆରମ୍ଭ ହେବ । ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିବା ଭାରତୀୟ ଦଳ ୫ଟି ଟେଷ୍ଟ ମ୍ୟାଚ୍ ଖେଳିବ ।

ଭାରତୀୟ ଅଧିନାୟକ ରୋହିତ ଶର୍ମା ବ୍ୟକ୍ତିଗତ କାରଣରୁ ପ୍ରଥମ ଟେଷ୍ଟ ଖେଳୁନଥିବା ବେଳେ, ତାଙ୍କ ଅନୁପସ୍ଥିତିରେ ଯଶପ୍ରୀତ ବୁମରା ଅଧିନାୟକ ଦାୟିତ୍ୱ ତୁଲାଇବେ । ଅନ୍ୟ ପକ୍ଷରେ ବ୍ୟାଟସ୍‌ମ୍ୟାନ୍ ଶୁଭମନ

ଗିଲ୍ ଆଘାତ କାରଣରୁ ପ୍ରଥମ ମ୍ୟାଚ୍ ଖେଳିବେ ନାହିଁ । ରବିବାର ଦିନ ରୋହିତ ଶର୍ମା ଅଷ୍ଟ୍ରେଲିଆରେ ପହଞ୍ଚିବେ ଏବଂ ଦ୍ୱିତୀୟ ଟେଷ୍ଟରେ ଖେଳିବେ ବୋଲି ଜଣାପଡ଼ିଛି ।